# ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ବିହାର, ପୁରୀ

ତାରିଖ 7.1.23

ଜ୍ଞାପକ ସଂଖ୍ୟା 47

ଏତଦ୍ ଦ୍ୱାରା ରାଜ୍ୟ ସରକାରଙ୍କଠାରୁ ସ୍ଥାୟୀ ସ୍ୱୀକୃତୀ ପ୍ରାପ୍ତ (Permanent Recognised) ଏବଂ ୨୦୨୩ ମସିହା ପରୀକ୍ଷା ପାଇଁ ଅସ୍ଥାୟୀ ସ୍ୱୀକୃତୀ ପ୍ରାପ୍ତ (Temporary Recognised) ସମସ୍ତ ସଂସ୍କୃତ ମହାବିଦ୍ୟାଳୟର ମୁଖ୍ୟମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ଦ୍ୱାରା ପରିଚାଳିତ ହେବାକୁ ଥିବା ଆସନ୍ତା ୨୦୨୩ ମସିହାର ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ପରୀକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପତ୍ର ସଂଖ୍ୟା – 23674 ତା 19/08/2010 ରିଖ ଅନୁଯାୟୀ ବିଶ୍ୱବିଦ୍ୟାଳୟ ସହିତ ମହାବିଦ୍ୟାଳୟମାନଙ୍କର ସହବନ୍ଧନ (Affiliation) ଅପରିହାର୍ଯ୍ୟ ଅଟେ । ଏଣୁ ଉକ୍ତ ମହାବିଦ୍ୟାଳୟମାନଙ୍କର ମୁଖ୍ୟମାନେ ସେମାନଙ୍କ ମହାବିଦ୍ୟାଳୟ ସପକ୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାୟୀ ସ୍ୱୀକୃତି ପତ୍ର (Permanent Recognised) / ଅସ୍ଥାୟୀ ସ୍ୱୀକୃତି ପତ୍ର (Temporary Recognition for 2023 Examination) ସହିତ ବିଶ୍ୱବିଦ୍ୟାଳୟ ଦ୍ୱାରା ଧାର୍ଯ୍ୟ ହୋଇଥିବା ନିମ୍ନଲିଖିତ ଦେୟ ଆସନ୍ତା ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ଫର୍ମ ବିଶ୍ୱବିଦ୍ୟାଳୟରେ ଦାଖଲ କରିବା ପାଇଁ ଜିଲ୍ଲା ଓ୍ୱାରୀ ଧାର୍ଯ୍ୟ ଦିବସର ପୂର୍ବ ଦିନ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ Notification No.2635/ SJSV dt.26/12/2022 ଏବଂ No.2630/ SJSV dt.26/12/2022 ଅନୁଯାୟୀ ମଧ୍ୟରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଦାଖଲ କରିବେ । ଏହାର ସବିଶେଷ ବିବରଣୀ ବିଶ୍ୱବିଦ୍ୟାଳୟ website www.sjsv.nic.in ରେ ଉପଲବ୍ଧ ଅଟେ ।

ସହବନ୍ଧନ ସଂପର୍କୀୟ ନଥିପତ୍ର ବିଶ୍ୱବିଦ୍ୟାଳୟ ଦ୍ୱାରା ଉପଯୁକ୍ତ ଯାଂଚ ପରେ ମହାବିଦ୍ୟାଳୟ ସପକ୍ଷରେ ସ୍ଥାୟୀ / ଅସ୍ଥାୟୀ ସହବନ୍ଧନ ମଞ୍ଜୁର କରାଯିବ ।

| | Fees to be deposited | For permanent Recognised Colleges | For Temporary Recognised Colleges |
|---|---|---|---|
| 1. | Fixed Deposit to be pledged in-favour of the Registrar, S.J.S.V. Puri (in any Nationalised Bank) | Rs.25,000/- | - |
| 2. (a) | Academic Fee (Colleges recocgnised before 2001)- | Rs.10,000/- | |
| (b) | Academic Fee (Colleges recocgnised after 2001)- | Rs.30,000/- | Rs.10,000/- |
| 3. | Processing Fee - | Rs.5,000/- | Rs.2,500/- |
| 4. | Subject wise Affiliation Fee - | Rs.1,000/- (Per Subject) | Rs.1,000/- (Per Subject) |
| 5. | Teacher's Registration Fee - | Rs.100/- (Per Teacher) | Rs.100/- (Per Teacher) |

ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ପୂର୍ବରୁ ୨୦୨୩ ପରୀକ୍ଷା ପାଇଁ Enrolment list (Return of matriculates) ଦାଖଲ କରିଥିବା ମହାବିଦ୍ୟାଳୟମାନେ ଉପରୋକ୍ତ ଦେୟ ଦାଖଲ କରିପାରିବେ ।

ସ୍ଥାୟୀ ସ୍ୱୀକୃତୀ ପ୍ରାପ୍ତ (Permanent Recognised) ମହାବିଦ୍ୟାଳୟମାନେ ପୂର୍ବରୁ ସ୍ଥାୟୀ ସହବନ୍ଧନ ନିମନ୍ତେ ନିର୍ଦ୍ଧାରିତ ଦେୟ ଦାଖଲ କରିଥିଲେ ପୁନର୍ବାର ଦେୟ ଦାଖଲ କରିବାକୁ ପଡିବନାହିଁ ।

ଉପରୋକ୍ତ ଦେୟ ବିଶ୍ୱବିଦ୍ୟାଳୟ ପରିସରରେ ଥିବା State Bank of India ଦ୍ୱାରା ପ୍ରସ୍ତୁତ Challan, Draft ଏବଂ POS machine ମାଧ୍ୟମରେ ଦାଖଲ କରିବେ । ପ୍ରକାଶ ଥାଉକି ସହବନ୍ଧନ ବିନା କୌଣସି ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ପରୀକ୍ଷା ଦେଇପାରିବେ ନାହିଁ ।

ବିଦ୍ର: କୋଭିଡ ଗାଇଡଲାଇନ ପାଳନ କରିବା ବାଧ୍ୟତା ମୂଳକ ଅଟେ ।

କୁଳସଚିବ

Memo No. 48 / Dt. 7.1.23

Copy forwarded to the D.I.O, NIC, Puri with a request to upload the same in our website.

7.1.2023

Registrar